# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 17 September – 2026

************************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ସାର୍ବଜନୀନ ଜୀବନ' ରାଷ୍ଟ୍ର  ପ୍ରଥମ ନୀତି ଦ୍ୱାରା ଅନୁପ୍ରାଣିତ; କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

– ପ୍ରଧାନମନ୍ତ୍ରୀଙ୍କ ସେବା, ସୁଶାସନ ଓ ସମର୍ପଣର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଦେଶବ୍ୟାପୀ ଆରମ୍ଭ ହେଲା ସେବା ସଂକଳ୍ପ ଅଭିଯାନ; ଓଡ଼ିଶାବାସୀ ଜାଳିଲେ ଆଶୀର୍ବାଦର ଦୀପ

- ନୂଆଦିଲ୍ଲୀରେ ଆୟୋଜିତ ସେମିକନ୍ ଇଣ୍ଡିଆ ସମ୍ମିଳନୀରେ ଆସନ୍ତାକାଲି ଯୋଗଦେବେ ମୁଖ୍ୟମନ୍ତ୍ରୀ

- ଆସନ୍ତା ୨୮ ତାରିଖରେ ହେବ ମହାନଦୀ ଜଳବିବାଦର ଶୁଣାଣି

ଏବଂ

- ଦେଶରେ ଆଜିଠାରୁ ଆରମ୍ଭ ହେଲା ସ୍ୱଚ୍ଛତା ହିଁ ସେବା ଅଭିଯାନ

Desk

# ସେବା ସଂକଳ୍ପ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୫୦ ବର୍ଷର ନିରବଚ୍ଛିନ୍ନ ସେବା ଏବଂ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଭାବେ ୨୫ ବର୍ଷର ନେତୃତ୍ୱ ସମଗ୍ର ଦେଶକୁ ଏକ ଶକ୍ତିଶାଳୀ, ସମୃଦ୍ଧ ଓ ଆତ୍ମନିର୍ଭର ରାଷ୍ଟ୍ରଭାବେ ଗଢ଼ିତୋଳିଛି। ପ୍ରଧାନମନ୍ତ୍ରୀଙ୍କ ଏହି ଯାତ୍ରାକୁ ସମ୍ମାନ ଜଣାଇ ଦେଶରେ ଆଜିଠାରୁ ଏକମାସ ବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଆରମ୍ଭ ହୋଇଛି ।

ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସ ଅବସରରେ  ଆଜି ଗୁଜରାଟର ଭଡନଗରଠାରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଏହାର ଶୁଭାରମ୍ଭ କରିଛନ୍ତି । ଶ୍ରୀ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାର୍ବଜନୀନ ଜୀବନ ରାଷ୍ଟ୍ର ପ୍ରଥମ ନୀତି ଦ୍ୱାରା ଅନୁପ୍ରାଣିତ । ଆଜିର ଦିବସ ସମାଜର ପ୍ରତ୍ୟେକ ବର୍ଗଙ୍କୁ ସେବାଯାତ୍ରାରେ ସାମିଲ ହେବାକୁ ପ୍ରେରଣା ପ୍ରଦାନ କରୁଛି । ୨୦୪୭ ବିକଶିତ ଭାରତ ସ୍ୱପ୍ନ ହାସଲ ଦିଗରେ ନିଃସ୍ୱାର୍ଥପରତାର ସହ ଅଧିକ ସମର୍ପଣ ଭାବର ଆବଶ୍ୟକତା ରହିଛି ବୋଲି ଶ୍ରୀ ଶାହା କହିଛନ୍ତି ।

**V/O**

Desk

# ମୁଖ୍ୟମନ୍ତ୍ରୀ-ସେବା ସଂକଳ୍ପ ଅଭିଯାନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ସେବା ସଂକଳ୍ପ ଅଭିଯାନ କେବଳ ଏକ କାର୍ଯ୍ୟକ୍ରମ ନୁହେଁ ବରଂ ମାନବସେବା ଓ ତ୍ୟାଗର ଏକ ବିରାଟ ଜନ ଆନ୍ଦୋଳନ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶ ଆଜି ବିଶ୍ୱର ଏକ ପ୍ରଭାବଶାଳୀ ଭୂ-ରାଜନୈତିକ ଓ ଅର୍ଥନୈତିକ ଶକ୍ତିଭାବେ ଉଭା ହୋଇଛି। ମୁଖ୍ୟମନ୍ତ୍ରୀ ଯୁବପିଢ଼ିଙ୍କୁ ଦୈନନ୍ଦୀନ ଜୀବନରୁ କିଛି ସମୟ ବାହାର କରି ସମାଜସେବାରେ ନିୟୋଜିତ ହେବା ସହ ଦେଶ ସେବା ପାଇଁ ବ୍ରତୀ ହେବାକୁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ଏକ ରକ୍ତଦାନ ଶିବିରକୁ ଶ୍ରୀ ମାଝୀ ଉଦ୍‌ଘାଟନ କରିଥିଲେ। ଏହାସହ ରାଜ୍ୟରେ ଆଜି ଆଶୀର୍ବାଦର ଦୀପ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଗୁପ୍ତେଶ୍ୱର ମନ୍ଦିର ସହ ଅନ୍ୟ ସ୍ଥାନରେ ଦୀପ ଦାନ କରାଯାଇଛି।

Desk

# ପିଏମ୍-ସେମିକଣ୍ଡକ୍ଟର

ସମଗ୍ର ବିଶ୍ୱ ନୂତନ ଓ ବିଶ୍ୱାସଯୋଗ୍ୟ ଉତ୍ପାଦନ କେନ୍ଦ୍ର ସନ୍ଧାନ କରୁଛି ଏବଂ ଭାରତ ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ନିଜକୁ ନିରନ୍ତର ପ୍ରସ୍ତୁତ କରୁଛି। ନୂଆଦିଲ୍ଲୀର ଯଶୋଭୂମୀଠାରେ ସେମିକନ ଇଣ୍ଡିଆ ୨୦୨୬ ସମ୍ମିଳନୀକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୈଶ୍ୱିକ ଉତ୍ପାଦନ ଆହ୍ୱାନର ମୁକାବିଲା ପାଇଁ ଦେଶକୁ ଏକ ନିର୍ଭରଯୋଗ୍ୟ ଗନ୍ତବ୍ୟସ୍ଥଳ ଭାବେ ବର୍ଣ୍ଣନା କରିଛନ୍ତି।

ଶ୍ରୀ ମୋଦୀ କହିଛନ୍ତି, ଭାରତରେ ନିର୍ମିତ ଚିପ୍ସ ଏବେ ଦେଶ ତଥା ବିଦେଶରେ ମଧ୍ୟ ଉପଲବ୍ଧ ହେଉଛି । ସେମିକଣ୍ଡକ୍ଟର ମିଶନ ଟୁ ପଏଣ୍ଟ '୦' ର ପ୍ରଥମ ପର୍ଯ୍ୟାୟରେ ବ୍ୟୟ ଅଟକଳ ୮ ବିଲିୟନ ଆମେରିକୀୟ ଡଲାରରୁ ୧୩ ଦଶମିକ ୫ ବିଲିୟନ ଡଲାରକୁ ବୃଦ୍ଧି ପାଇଛି । ଏପର୍ଯ୍ୟନ୍ତ ୧୨ଟି ଚିପ୍ସ ନିର୍ମାଣ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ଭବିଷ୍ୟତରେ ଏହା ଅଧୀକ ବୃଦ୍ଧି ପାଇବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯଶୋଭୂମିଠାରେ ଚାଲିଥିବା ସେମିକନ୍ ଇଣ୍ଡିଆ-୨୦୨୬ର ପଞ୍ଚମ ସଂସ୍କରଣରେ ଯୋଗଦେବେ ବୋଲି ଜଣାପଡ଼ିଛି । ଓଡ଼ିଶାରେ ପୁଞ୍ଜି ନିବେଶ ସଂପର୍କିତ ବିଭିନ୍ନ ବିଷୟ ଉପରେ ୟୁରୋପ, ଜାପାନ, ଦକ୍ଷିଣ କୋରିଆର ଶିଳ୍ପ ପ୍ରତିନିଧିଙ୍କ ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରିବେ । ଓଡ଼ିଶାକୁ ସେମିକଣ୍ଡକ୍ଟର ହବ୍ କରିବା ପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ ଆସନ୍ତାକାଲି ଦିଲ୍ଲୀରେ ଆୟୋଜିତ ଏକ ରୋଡ୍ ଶୋ' କାର୍ଯ୍ୟକ୍ରମରେ ଶ୍ରୀ ମାଝୀ ଅଂଶଗ୍ରହଣ କରିବେ ।

ସମ୍ମିଳନୀରେ ୬୦୦ରୁ ଅଧିକ ପ୍ରଦର୍ଶକ, ୩୦୦ ଆନ୍ତର୍ଜାତୀୟ କମ୍ପାନୀ ଏବଂ ୫୦ରୁ ଅଧିକ ଦେଶର ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି ।

English Pool

## ପିଏମ୍ ବିଶ୍ୱକର୍ମା ଯୋଜନା

ପାରମ୍ପରିକ କାରିଗର ଏବଂ ଶିଳ୍ପୀମାନଙ୍କୁ ସହାୟତା ପ୍ରଦାନ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ପିଏମ୍ ବିଶ୍ୱକର୍ମା ଯୋଜନା ଆଜି ତିନିବର୍ଷ ପୂରଣ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୨୦୨୩ ମସିହାରେ ଆରମ୍ଭ ହୋଇଥିବା ଏହି ଯୋଜନା ଅଧୀନରେ ଅଦ୍ୟାବଧି ୩୦ ଲକ୍ଷ ହିତାଧିକାରୀ ପଞ୍ଜୀକୃତ ହେବା ସହ ବଡ଼ ଉପଲବ୍ଧି ହାସଲ ହୋଇଛି। ୧୮ଟି ଚିହ୍ନଟ ବ୍ୟବସାୟରେ ନିୟୋଜିତ ପାରମ୍ପରିକ କାରିଗର ଏବଂ ଶିଳ୍ପୀମାନଙ୍କୁ ଏହି ଯୋଜନା ଅନ୍ତର୍ଗତ ସହାୟତା ପ୍ରଦାନ କରାଯାଉଛି। ଏହା ସେମାନଙ୍କର ଉତ୍ପାଦନ କ୍ଷମତା, ଆୟ ଏବଂ ଉଦ୍ୟୋଗୀ ହେବାର ସମ୍ଭାବନାକୁ ବୃଦ୍ଧି କରିବାରେ ସକ୍ଷମ ହୋଇପାରିଛି।

Desk

## ମହାନଦୀ ଜଳ ବିବାଦ

ମହାନଦୀ ଜଳ ବିବାଦର ଶୁଣାଣି ଆସନ୍ତା ୨୮ ତାରିଖରେ ହେବ। ଏହି ସମ୍ପର୍କରେ ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ କହିଛନ୍ତି, ଜାତୀୟ ଜଳ ଆୟୋଗଙ୍କ ମଧ୍ୟସ୍ଥତାରେ ଉଭୟ ରାଜ୍ୟ ମଧ୍ୟରେ ବୈଷୟିକ ଆଲୋଚନା ଜାରି ରହିଛି। ବିବାଦର ସମାଧାନ ଦିଗରେ ତଥ୍ୟ ଆଧାରିତ ଆଲୋଚନାକୁ ଗୁରୁତ୍ୱ ଦିଆଯାଉଛି। ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ଜଳବଣ୍ଟନ ବିବାଦର ସମାଧାନ ପାଇଁ ଆପୋଷ ବୁଝାମଣା ଉଦ୍ୟମ ଚାଲିଛି। ଜଳବଣ୍ଟନ କମିଟି ଉଭୟ ରାଜ୍ୟର ତଥ୍ୟ ବିଶ୍ଳେଷଣ କରୁଛି। ଜଳ ଉପଲବ୍ଧତା, ବ୍ୟବହାର, ଜଳ ସଂରକ୍ଷଣ କ୍ଷମତା

ଏବଂ ଭବିଷ୍ୟତ ଜଳର ଆବଶ୍ୟକତା ଭଳି ବିଷୟ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

**- V/O –**

Desk

## ସ୍ୱଚ୍ଛତା ହିଁ ସେବା

ସ୍ୱଚ୍ଛତା ହିଁ ସେବା ଅଭିଯାନ-୨୦୨୬ ଆଜିଠାରୁ ଦେଶ ବ୍ୟାପି ଆରମ୍ଭ ହୋଇଛି । ଏହି ଅଭିଯାନ ଆସନ୍ତାମାସ ୧୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ସ୍ୱଚ୍ଛତାକୁ ପ୍ରାଥମିକତା ପ୍ରଦାନ କରିବା, ସାର୍ବଜନୀନ ସ୍ଥାନଗୁଡ଼ିକରେ ସ୍ୱଚ୍ଛତା ଆଧାରିତ ସଂସ୍କାର ଏବଂ ଏଥିରେ ଯୁବପିଢ଼ିଙ୍କୁ ସାମିଲ କରିବା ହେଉଛି ଏହି ଅଭିଯାନର ମୂଳଲକ୍ଷ୍ୟ ।

Desk

## ସୁଭଦ୍ରା ଯୋଜନା

ମହିଳାଙ୍କ ନେତୃତ୍ୱରେ ବିକାଶ ଏବଂ ସମୃଦ୍ଧିର ସଂକଳ୍ପ ନେଇ ରାଜ୍ୟରେ ଲାଗୁ ହୋଇଥିବା ସୁଭଦ୍ରା ଯୋଜନାକୁ ଆଜି ଦୁଇବର୍ଷ ପୂରଣ ହୋଇଛି। ଏହି ଉପଲକ୍ଷେ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସୁଭଦ୍ରା ଯୋଜନାରେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କୁ ଏପର୍ଯ୍ୟନ୍ତ ୫ଟି କିସ୍ତିରେ ୨୫ ହଜାର ୮୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି।

Baragada

## ଶିଶୁ ଅଧିକାର ଆୟୋଗ

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ରଙ୍କ ସମେତ ଆୟୋଗର ସଦସ୍ୟମାନେ ବରଗଡ଼ ଜିଲ୍ଲା ଗସ୍ତ କରିବା ସହ ଶିଶୁ କଲ୍ୟାଣ, ସୁରକ୍ଷା ଓ ଅଧିକାର ସମ୍ପର୍କିତ ଭିତ୍ତିଭୂମିର ସମୀକ୍ଷା କରିଛନ୍ତି। ଗସ୍ତ ଅବସରରେ ଆୟୋଗଙ୍କ ଏହି ଉଚ୍ଚସ୍ତରୀୟ ଦଳ ଥାନାଗୁଡ଼ିକରେ ଶିଶୁଙ୍କ ପାଇଁ ଅନୁକୂଳ ପରିବେଶ ଏବଂ ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକରେ ରହଣି ଓ ପୁନର୍ବାସ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। କ୍ଷେତ୍ର ପରିଦର୍ଶନ ପରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ହୋଇଥିଲା।

Desk

# ବିଶ୍ୱକର୍ମା ପୂଜା

ବିଶ୍ୱ ନିର୍ମାଣକର୍ତ୍ତା ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ପାଇଁ ଆଜି ରାଜ୍ୟର ବିଭିନ୍ନ ସ୍ଥାନ ଉତ୍ସବମୁଖର ହୋଇଛି। ଦେବଶିଳ୍ପୀଙ୍କ ପୂଜା ଆଶ୍ୱିନ କନ୍ୟା ସଂକ୍ରାନ୍ତୀରେ ପାଳନ କରାଯାଇଥାଏ। ରାଜ୍ୟର ଶିଳ୍ପାନୁଷ୍ଠାନ ସମେତ ବିଭିନ୍ନ ବୈଷୟିକ ଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଭକ୍ତି ଓ ଶ୍ରଦ୍ଧାର ସହ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା କରାଯାଉଛି ।

Desk

# ବିମ୍ବାସୁର ବଧ ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ଭାଦ୍ରବ ଶୁକ୍ଳ ଷଷ୍ଠୀ ତିଥିରେ ବିମ୍ବାସୁର ବଧ ପ୍ରସ୍ତାବ ନୀତି ଅନୁଷ୍ଠିତ ହେବ। ସଂଧ୍ୟାଧୂପ ପରେ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ଏହି ନୀତି ଅନୁଯାୟୀ ପ୍ରଭୁ ମଦନମୋହନ ରତ୍ନ ସିଂହାସନକୁ ବିଜେ

କରି ଆଜ୍ଞାମାଳ ପାଇବା ପରେ ନାଟମଣ୍ଡପସ୍ଥିତ ଖଟ ଉପରକୁ ବିଜେ କରିବେ ।

Boudh/N.Rangpur/N.gada/Balangir/M.giri

## ଜିଲ୍ଲା-ସେବା ସଂକଳ୍ପ ଅଭିଯାନ

ରାଜ୍ୟର ବିଭିନ୍ନ ସ୍ଥାନରେ ସେବା ସଂକଳ୍ପ ଅଭିଯାନରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଯାଇଛି ।

ମାଲକାନଗିରି ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ବନବିଭାଗ ପକ୍ଷରୁ 'ଏକ ପେଡ଼ ମା'କେ ନାମ କାର୍ଯ୍ୟକ୍ରମ' ଅଧୀନରେ ଚାରାରୋପଣ କରାଯାଇଥିଲା । ମୁଖ୍ୟ ଅତିଥିଭାବେ ବିଧାୟକ ନରସିଂହ ମାଡ଼କାମୀ ଯୋଗ ଦେଇଥିଲେ ।

ବଲାଙ୍ଗୀର ଜିଲ୍ଲା ଲୋଇସିଂହ ନିର୍ବାଚନମଣ୍ଡଳୀର ୮ଟି ମଣ୍ଡଳରେ ପ୍ରଧାନମନ୍ତ୍ରୀଙ୍କ ପାଇଁ ଆଶୀର୍ବାଦ ଦୀପ ଦାନ କରାଯାଇଛି । କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଯୋଗଦେବା ସହ ଜନସାଧାରଣଙ୍କୁ ଦୀପଦାନ ଓ ରକ୍ତଦାନ କରିବାକୁ ଆହ୍ୱାନ ଦେଇଥିଲେ ।

ନୟାଗଡ଼ ଜିଲ୍ଲା ଭାପୁର ମେଡିକାଲ ପରିସରରେ ଏକ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ରୋଗୀମାନଙ୍କୁ ଫଳବଣ୍ଟନ କରାଯାଇଥିଲା ।

ନବରଙ୍ଗପୁର ଜିଲ୍ଲାରେ ଆୟୋଜିତ ରକ୍ତଦାନ ଶିବିରରେ ୩୦ ୟୁନିଟ୍ ରକ୍ତସଂଗ୍ରହ କରାଯାଇଥିଲା ।

ବୌଦ୍ଧ ଜିଲ୍ଲାରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସ ଉପଲକ୍ଷେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଦୀପ ପ୍ରଜ୍ୱଳନ କରାଯାଉଛି। ଭୈରବୀ ପୀଠ ଏବଂ ରାମେଶ୍ୱର ମନ୍ଦିରରେ ଶୁଭେଚ୍ଛୁମାନେ ଦୀପ ପ୍ରଜ୍ୱଳନ କରିଥିଲେ।

Desk

# ପାଣିପାଗ

ଥାଇଲାଣ୍ଡର ଉତ୍ତର ଭାଗରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତା ଶନିବାର ସୁଦ୍ଧା ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବା ସହ ୨୩ ତାରିଖ ସୁଦ୍ଧା ଉପକୂଳ ଛୁଇଁବାର ସମ୍ଭାବନା ରହିଛି । ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ଅନୁମାନ କରାଯାଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି, ଘଡଘଡି ସହ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।